୪) ମାଟିଆଗୁଣ୍ଡି ପୋକ ସଂକ୍ରମିତ ଜମିରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।

୫) ସିନ୍ଥେଟିକ୍ ପାଇରିଥ୍ରଏଡ୍ (ସାଇପରମେଥ୍ରିନ୍, ଡେଲଟାମେଥ୍ରିନ୍), କ୍ଲୋରପାଇରିଫସ୍, କ୍ୟୁନାଲଫସ୍, ମିଥାଇଲ ପାରାଥିଅନ୍, ଫୋରେଟ୍ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ। ଏହା ମାଟିଆଗୁଣ୍ଡି ପୋକର ବଂଶ ପୁନଃରୁଥାନରେ ସାହାଯ୍ୟ କରେ ।

## ଆକ୍ରାନ୍ତ ଫସଲକୁ ନିଆଁ ଲଗାନ୍ତୁ ନାହିଁ

ଆକ୍ରାନ୍ତ ଫସଲକୁ ନିଆଁ ଲଗାଇବା ଦ୍ୱାରା ନିମ୍ନଲିଖିତ ଅସୁବିଧା ହୁଏ ।

୧) ଫସଲ ପୋଡ଼ିବା ଦ୍ୱାରା ଡେଣାଯୁକ୍ତ ମାଈ ମାଟିଆଗୁଣ୍ଡି ପୋକ ପାଖ ଫସଲକୁ ଉଡ଼ିଯାଇ କ୍ଷତିର ପରିମାଣ ବୃଦ୍ଧି କରିବାର ସମ୍ଭାବନା ଥାଏ ।

୨) ଫସଲ ପୋଡ଼ିବା ଦ୍ୱାରା ଜମିର ଆର୍ଦ୍ରତା ହ୍ରାସ ପାଏ ଫଳରେ ରବିଚାଷ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ।

୩) ନିଆଁ ଦ୍ୱାରା ଉପକାରୀ କୀଟ ଓ ବୁଢ଼ିଆଣୀ ମରିଯାଆନ୍ତି, ଯଦ୍ୱାରା ପରବର୍ତ୍ତୀ ଫସଲରେ କୀଟ ପ୍ରାର୍ଦୁଭାବ ଅତ୍ୟଧିକ ମାତ୍ରାରେ ଦେଖାଯିବାର ସମ୍ଭାବନା ଥାଏ ।

୪) ଏହାଦ୍ୱାରା ମାଟିର ଜୈବିକ ଅଂଶ ହ୍ରାସ ପାଇ ଉର୍ବରତା କମିଯାଏ । ଫଳରେ ପରବର୍ତ୍ତୀ ଫସଲରେ ଅଧିକ ପରିମାଣର ସାର ପ୍ରୟୋଗ କରିବା ଦରକାର ପଡ଼େ ।

୫) ଏହା ଦ୍ୱାରା ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହୋଇ ପରିବେଶ ପ୍ରଦୂଷଣ ହୁଏ ଓ ଗୃହପାଳିତ ପଶୁ ପକ୍ଷୀମାନଙ୍କ ଉପରେ କୁପ୍ରଭାବ ପକାଏ ।

**ବିଶେଷ ଦ୍ରଷ୍ଟବ୍ୟ :**

୧. ସଠିକ୍ ପରିଚାଳନା ପଦ୍ଧତି ଅବଲମ୍ବନ କରି ଏହି କୀଟ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇ ପାରିଛି । ତେଣୁ ଚାଷୀ ଭାଇମାନେ ଭୟଭୀତ ନ ହୋଇ ଅନୁମୋଦିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ ।

୨. ବର୍ତ୍ତମାନ ତାପମାତ୍ରା ହ୍ରାସ ପାଉଥିବାରୁ ଏହି ପୋକର ପ୍ରାର୍ଦୁଭାବ ବଢ଼ିବାର ସମ୍ଭାବନା ନାହିଁ ।

୩. ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଯାଇଥିଲେ ଶୀଘ୍ର ଅମଳ କରିଦିଅନ୍ତୁ ।

୪. ବିଶେଷ ପରାମର୍ଶ ପାଇଁ ନିକଟସ୍ଥ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ଓ ୧୮୦୦-୧୮୦-୧୫୫୧ କିମ୍ବା ୦୬୭୪-୬୫୩୦୬୫୩ ଫୋନ୍ ନମ୍ବରକୁ ଫୋନ୍ କରନ୍ତୁ ।

୫. ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ମୋବାଇଲ୍ ଆପ୍ (RiceXpert)ଟି ଗୁଗୁଲ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ୍ କରି ଏହାର ସହାୟତା ନିଅନ୍ତୁ ।

# ଧାନ ଫସଲରେ ମାଟିଆଗୁଣ୍ଡି ପୋକର ପରିଚାଳନା



**କୃଷି ବିଜ୍ଞାନ କେନ୍ଦ୍ର, ଗଂଜାମ-୧, ଭଞ୍ଜନଗର**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର**

# ଧାନ ଫସଲରେ ମାଟିଆଗୁଣ୍ଡି ପୋକର ପରିଚାଳନା

## ମାଟିଆ ଗୁଣ୍ଡି ପୋକ ଚିହ୍ନିବେ କିପରି ?

ମାଟିଆଗୁଣ୍ଡି ପୋକ ଦେଖିବାକୁ ଇଷତ୍ ମାଟିଆ ରଙ୍ଗର ଓ ୩-୪ ମିଲିମିଟର ଲମ୍ବା। ପୂର୍ଣ୍ଣାଙ୍ଗ ଅବସ୍ଥାରେ ଏମାନେ ଉଭୟ ଲମ୍ବା ଓ ଛୋଟ ଡେଣାଯୁକ୍ତ ହୋଇଥାନ୍ତି। ଅନୁକୂଳ ପାଗରେ ବିଶେଷ ଭାବରେ ଛୋଟ ଡେଣାଯୁକ୍ତ କୀଟ ଦେଖାଯାଆନ୍ତି ଓ କ୍ଷିପ୍ର ଗତିରେ ବଂଶ ବିସ୍ତାର କରିଥାନ୍ତି। ସାଧାରଣତଃ ଉଭୟ ପୂର୍ଣ୍ଣାଙ୍ଗ ଓ ଅର୍ଭକ କୀଟଗୁଡ଼ିକ ଧାନ ବୁଦାର ମୂଳଭାଗରେ ମେଞ୍ଚାମେଞ୍ଚା ହୋଇ ଲାଗିଥାନ୍ତି।

## ମାଟିଆଗୁଣ୍ଡି ପୋକ କିପରି ବୃଦ୍ଧି ପାଏ ?

ଠିଆ ପାଣି, ଅତ୍ୟଧିକ ଯବକ୍ଷାରଜାନ ସାର ପ୍ରୟୋଗ ଓ ଅଧିକ ଘଞ୍ଚ ଧାନ ଥିବା କ୍ଷେତରେଏମାନେ ଶୀଘ୍ର ବଢ଼ିଥାନ୍ତି। ବର୍ଷାଦିନେ ଅତ୍ୟଧିକ ଆର୍ଦ୍ରତା ସହ ୨୮-୩୦° ସେଲସିୟସ୍ ଉତ୍ତାପ ଏହି ପୋକର ବଂଶ ବିସ୍ତାରରେ ସାହାଯ୍ୟ କରେ ଓ ଧାନ ଫସଲ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥାଏ।

## କ୍ଷତିର ଲକ୍ଷଣ :

ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗକୀଟ ଫସଲ ଦେହରୁ ରସ ଶୋଷି ଖାଇବା ଦ୍ୱାରା ଗଛ ଶୁଖି ମରିଯାଏ, ଯାହାକୁ 'ହପରବର୍ଣ୍ଣ' ବା 'ଗୁଣ୍ଡିଜ୍ୱଳନ' କୁହାଯାଏ। ସାଧାରଣତଃ ଏ ପ୍ରକାର ଲକ୍ଷଣ ଚକଡ଼ା ଚକଡ଼ା ହୋଇ ଧାନ ବିଲରେ ଦେଖାଯାଏ ଓ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କିଆରୀକୁ ମାଡ଼ିଯାଏ। ଏହା ଦ୍ୱାରା ସମୟ ସମୟରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନା ଥାଏ।

## ଏ ବର୍ଷ ମାଟିଆ ଗୁଣ୍ଡି ପୋକ ବୃଦ୍ଧି ପାଇବାର କାରଣ କଣ ?

ଏ ବର୍ଷର ଅନିୟମିତ ଆର୍ଦ୍ର ଓ ଉଷ୍ଣ ପାଣିପାଗ, ଶୀତ ଆସିବାରେ ବିଳମ୍ବ, ଥୋଡ଼ସାର ହିସାବରେ ଅଧିକ ଯବକ୍ଷାରଜାନ ସାରର ପ୍ରୟୋଗ, ଫସଲର ଅତ୍ୟଧିକ ବୃଦ୍ଧି ଏହି ପୋକର ବଂଶ ବୃଦ୍ଧିରେ ସହାୟକ ହୋଇଛି।

## ପରିଚାଳନା :

## କେଉଁ କିଆରୀରେ କରିବେ ?

ଧାନ ଫସଲ କ୍ଷୀର ଢୋକିବା ବା ଏହାର ପୂର୍ବାବସ୍ଥାରେ ଥିଲେ ଏବଂ ବୁଦା ପ୍ରତି ୧୦ଟି କିମ୍ବା ତା ଠାରୁ ଅଧିକ ପୂର୍ଣ୍ଣାଙ୍ଗ ପୋକ ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ।

୧) ପ୍ରଥମେ ଆକ୍ରାନ୍ତ କିଆରୀରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ।

୨) ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।

୩) ନିମ୍ନଲିଖିତ କୀଟନାଶକକୁ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରି କୀଟକୁ ନିୟନ୍ତ୍ରଣ କରନ୍ତୁ।

| କ୍ର.ସଂ. | କୀଟନାଶକର ନାମ | ଏକର ପ୍ରତି ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣ | |
|---|---|---|---|---|
| | | | ହସ୍ତଚାଳିତ ସିଞ୍ଚନ ଯନ୍ତ୍ର | ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର |
| ୧. | ଡାଇକ୍ଲୋରୋଭସ୍ ୭୬% ଇ.ସି. | ୨୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୧. | ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୩. | ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୪. | ପାଇମୋଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୫. | ବୁପ୍ରୋଫେଜିନ୍ ୨୫% ଏସ୍.ସି. | ୩୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୬. | ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |

୪) କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ।

୫) ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।

୬) ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।

୭) ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

୮) କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।

## କ'ଣ କରିବେ ନାହିଁ :

୧) ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ।

୨) ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରନ୍ତୁ ନାହିଁ।

୩) ବିନା ଅନୁମୋଦିତ କୀଟନାଶକ ଆଦୌ ପ୍ରୟୋଗ କରନ୍ତୁ ନାହିଁ।